(ଜୁନ୍-ଜୁଲାଇ) ଏବଂ ଅନ୍ୟ ଭାଗ ବର୍ଷାପରେ (ସେପ୍ଟେମ୍ବର-ଅକ୍ଟୋବର) ଦିଆଯାଇଥାଏ । ଛୋଟ ଗଛର ପାଖରେ ଏବଂ ସମ୍ପୂର୍ଣ୍ଣ ଫଳନ୍ତି ଗଛରେ ଗଛଠାରୁ ୨ ମିଟର ଦୂରତାରେ ୩୦ ସେ.ମି. ଗଭୀର ଏବଂ ୩୦ ସେ.ମି. ଓସାରର ଟ୍ରେଞ୍ଚ ଖୋଳି ଖତ ଓ ସାର ପ୍ରୟୋଗ କରିବା ଉଚିତ୍ ।

**କାଣ୍ଡଛାଣ୍ଟ :**

ଛୋଟ ଗଛର ମୂଳଠାରୁ ୭୫-୧୦୦ ସେ.ମି. ପର୍ଯ୍ୟନ୍ତ କୌଣସି ଡାଳ ବଢ଼ିବାକୁ ଦିଆଯାଏ ନାହିଁ । ଏହା ପରଠାରୁ ୨୦-୨୫ ସେ.ମି. ବ୍ୟବଧାନରେ ବିଭିନ୍ନ ଦିଗକୁ ୪-୫ ଗୋଟି ଶାଖା ବଢ଼ାଯାଏ । ଏହା ବ୍ୟତୀତ ରୋଗୀଣା, ଶୁଖିଲା, ସରୁ ଏବଂ ଛନ୍ଦାଛନ୍ଦି ହୋଇଥିବା ଡାଳକୁ କାଟିଦେଇ ବୋର୍ଡୋକ୍ସ ପେଷ୍ଟର ଲେପ ଦିଆଯାଏ ।

**ଜଳସେଚନ :**

ତିନି ବର୍ଷ ପର୍ଯ୍ୟନ୍ତ ଗଛକୁ ଋତୁ ଅନୁସାରେ ୩-୭ ଦିନ ବ୍ୟବଧାନରେ ଜଳସେଚନ କରାଯାଏ । ଫଳନ୍ତି ଗଛରେ ବର୍ଷାଋତୁ ପରଠାରୁ ଫଳଧାରଣ ପର୍ଯ୍ୟନ୍ତ ଜଳସେଚନ କରାଯାଏ ନାହିଁ । ଫଳ ଧାରଣ ଠାରୁ ପାକଳ ହେବା ମଧ୍ୟରେ ୨-୩ ଥର ୧୫-୨୦ ଦିନ ବ୍ୟବଧାନରେ ମନ୍ଦା ପ୍ରଣାଳୀରେ ଜଳସେଚନ କରାଯାଏ । ବୁନ୍ଦା ଜଳସେଚନ ସହିତ ଛାଦିକରଣ କଲେ ଅଧିକ ଉପକାର ମିଳିଥାଏ । ବୁନ୍ଦା ଜଳସେଚନରେ ଜଳ ଖର୍ଚ୍ଚ ଶତକଡା ୩୦-୪୦ ଭାଗ କମ୍ ଏବଂ ଅମଳ ପ୍ରାୟ ୨୦-୩୦ ଭାଗ ବୃଦ୍ଧି ପାଇଥାଏ । ଏକ ହେକ୍ଟର ଜମିରେ ୧୦ମି. ଘ ୧୦.ମି. ବ୍ୟବଧାନରେ ଲଗାଯାଇଥିବା ଗଛରେ ବୁନ୍ଦା-ଜଳସେଚନ କଲେ ହେକ୍ଟର ପ୍ରତି ପ୍ରାୟ ଟ. ୨୫୦୦୦/- ଖର୍ଚ୍ଚ ହୋଇଥାଏ ।

**ଅନ୍ୟାନ୍ୟ ଯତ୍ନ :**

ବଗିଚାର ଚତୁଃ ପାର୍ଶ୍ୱରେ ସବୁଜ ବାଡ ଦେବା ଉଚିତ୍ । ଆମ୍ବ ବଗିଚାକୁ ବର୍ଷା ଆରମ୍ଭ ଏବଂ ପରେ ଅଗଭୀର ଚଷ କରି ସମସ୍ତ ଅନାବନା ଗଛ ସଫା କରାଯାଏ । ଏହି ସମୟରେ ରାସାୟନିକ ତୃଣନାଶକ ଆଲାକ୍ଲୋର (୧୬୦୦ ମି.ଲି./ଏକର) ମାଟିରେ ମିଶାଇ ଦେଲେ କିମ୍ବା ଗ୍ଲାଇଫୋସେଟ୍ (୨୪୦୦ ମି.ଲି./ଏକର) କୁ ଅନାବନା ଗଛ ଉପରେ ପକାଇ ଦମନ କରାଯାଇପାରେ । କଲମୀ ଯୋଡ ସ୍ଥାନରେ ପଲିଥିନ୍ ବନ୍ଧା ହୋଇଥିଲେ ଖୋଲିଦେବା ଆବଶ୍ୟକ ।

ଆମ୍ବ ବଗିଚାରେ ୫-୭ ବର୍ଷଯାଏ ଅନ୍ତଃ ଫସଲ ହିସାବରେ ବିଭିନ୍ନ ପ୍ରକାର ଫଳ (ଯଥା : କଦଳୀ, ଅମୃତଭଣ୍ଡା, ପିଜୁଳି), ପନିପରିବା, ମସଲା, ଫୁଲ, ଡାଲି ଓ ତୈଳବୀଜ ଫସଲ ଗ୍ରହଣ କରାଯାଇପାରେ । ପୁରୁଣା ବଗିଚାରେ ଅଦା, ହଳଦୀ କିମ୍ବା ସପୁରୀ ନିଆଯାଇପାରେ ।

**ଫସଲ ସଂରକ୍ଷଣ :**

ଆମ୍ବ ଗଛକୁ ବିଭିନ୍ନ ସମୟରେ ବିଭିନ୍ନ ରୋଗପୋକ ଆକ୍ରମଣ କରିଥାନ୍ତି ।

୧) କଳା ଫିମ୍ପି ରୋଗ : ଏଥିପାଇଁ ଶୋଷକ ପୋକ, ଆମ୍ବଡାହାଣୀ, ଚୁନିଆ ପୋକ ନିୟନ୍ତ୍ରଣ କରାଯାଏ । ଗଛରେ ଷ୍ଟାର୍ଚ୍ଚ (୨୦ ଗ୍ରା./ଲିଟର) ପାଣି ସ୍ପ୍ରେ କରାଯାଏ । ଗଛରେ ଓ୍ୱେଟେବଲ୍ ସଲଫର (୫୦% ଙ୍ଗ.କ୍ତ.) ୨.୫ ଗ୍ରାମ୍, ମନୋକ୍ରୋଟୋଫସ୍ ୧.୫ ମି.ଲି. ଏବଂ ବବୁଲ୍ ଅଠା (୩ ମି.ଲି.) ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରାଯାଏ ।

୨) ଫଳ ପଚାରୋଗ : ଆମ୍ବ ତୋଳିବାର ୪୫,୩୦ ଏବଂ ୧୫ ଦିନ ପୂର୍ବରୁ ଗଛରେ ଥାଇଓଫୋନେଟ୍ ମିଥାଇଲ୍ (୧ ଗ୍ରାମ/ଲିଟର ପାଣି) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍/ଲିଟର ପାଣି) ସ୍ପ୍ରେ କରାଯାଏ । ଅମଳ ପରେ ଆମ୍ବ ଗୁଡ଼ିକୁ ୫୧-୫୩ ଡ଼ିଗ୍ରୀ ସେଲ୍‌ସିୟସ୍ କାର୍ବେଣ୍ଡାଜିମ୍ ପାଣି (୦.୫ ଗ୍ରାମ୍/ଲିଟର ପାଣି)ରେ ୧୫ ମିନିଟ୍ ବୁଡାଯାଏ ।

୩) ଆମ୍ବ ଡାହାଣୀ : ବଗିଚାକୁ ପରିଷ୍କାର ରଖି ବଉଳ ମୁଣ୍ଡା ହେବା ସମୟରେ ମନୋକ୍ରୋଟୋଫସ୍ ୩୬% ର.ଉ.) (୧.୫ ମି.ଲି./ଲିଟର) ପୂର୍ଣ୍ଣ ବଉଳ ସମୟରେ (ଫୁଲ ଫୁଟିବା ପୂର୍ବରୁ) ଇମିଡାକ୍ଲୋପ୍ରିଡ୍ (୧ ମି.ଲି./୪ ଲିଟର ପାଣି) ଏବଂ ଚଣା ସମୟରେ କ୍ଲୋରୋପାଇରିଫସ ୨୦% ର.ଉ. (୨ ମି.ଲି./ଲିଟର) ପାଣି ସ୍ପ୍ରେ କରାଯାଏ ।

୪) ପତ୍ର ଜାଲପୋକ : ଜାଲକୁ ସଫାକରି ଜୁଲାଇ ମାସ ଶେଷ ସପ୍ତାହରୁ ୧୫ ଦିନ ବ୍ୟବଧାନରେ ୨-୩ ଥର କାର୍ବାରିଲ୍ ୫୦% ଡ.ଚ. (୪ ଗ୍ରା./ଲିଟର) କିମ୍ବା କୁଇନାଲଫସ୍ ୨୫% ର.ଉ. (୨ମି.ଲି./ଲିଟର) ବଦଳାଇ ପକାଯାଏ ।

୫) ଫଳମାଛି : ଏହି ପୋକ ଆକ୍ରମଣ କଲେ ପାକଳ ଫଳ ଝଡି ପଡି ଅଧିକ କ୍ଷତି ହୋଇଥାଏ । ଏଥିପାଇଁ ପଡିଥିବା ଆମ୍ବଗୁଡିକୁ ଗୋଟାଇ ନଷ୍ଟ କରିବା ସହିତ ମିଥାଇଲ୍ ୟୁଜିନଲ୍ ଯନ୍ତା ଫଳ ପାକଳ ହେବା ସମୟରେ ବସାଯାଏ କିମ୍ବା ଏକ ଲିଟର ପାଣିରେ ୧୦ ଗ୍ରାମ୍ ଗୁଡ ଓ ୧ ମି.ଲି. ମାଲାଥିଅନ୍ ମିଶାଇ ହେକ୍ଟର ପ୍ରତି ୧୦ଟି ବିଷଥୋପ ରଖାଯାଏ ।

**ଅମଳ :**

କିସମ ଅନୁସାରେ ଫଳ ଧାରଣର ୯୦-୧୨୦ ଦିନରେ ଆମ୍ବ ପାକଳ ହୋଇଥାଏ । ଆମ୍ବ ଗଛର ଚତୁଃପାର୍ଶ୍ୱରୁ ଗୋଟିଏ କରି ଫଳ ତୋଳି ଛୁରୀରେ କାଟି ଟାକୁଆ ଟାଣ ଏବଂ ରସର ରଙ୍ଗ ହଳଦିଆ ହୋଇଥିଲେ ଆମ୍ବ ପାକଳ ହେବାର ଜଣାଯାଏ । ଆମ୍ବ ଗଛ ୩-୪ ବର୍ଷରୁ (୧୫-୨୦ଟି) ଫଳ ଆରମ୍ଭ ହୋଇ ୪୦ ବର୍ଷଯାଏ (୨୫୦୦ ଗୋଟି) ବଢି ପରେ କମିଯାଏ । ୧୫-୨୦ ବର୍ଷର ବଗିଚାରୁ ଏକର ପ୍ରତି ୪-୫ ଟନ୍ ଆମ୍ବ ଉତ୍ପାଦିତ ହୋଇଥାଏ । ଦେଶୀୟ ପ୍ରଣାଳୀରେ ସୁନାରୀ ପତ୍ର ଦେଇ ଆମ୍ବ ପଚାଯାଏ । ମାତ୍ର ଫଳଗୁଡିକ ଇଥ୍ରେଲ ଦ୍ରବଣ (୧.୮ ମି.ଲି./ଲିଟର ପାଣି) ରେ ୫ ମିନିଟ୍ ପାଇଁ ବୁଡାଇଲେ ଫଳର ରଙ୍ଗ ଉନ୍ନତ ହେବା ସହିତ ଆମ୍ବଗୁଡିକ ସମଭାବରେ ପାଚିଯାଏ ।

**ଚାଷ ଜନିତ ଆୟ :**

*(ଖର୍ଚ୍ଚ ଟଙ୍କାରେ)*

| ୧ମ ବର୍ଷ | ୨ ବର୍ଷ | ୩ୟ ବର୍ଷ | ୪ର୍ଥ ବର୍ଷ | ୫ମ ବର୍ଷ | ୬ଷ୍ଠ ବର୍ଷ | ୭ମ ବର୍ଷ ଏବଂ ଅଧିକ (ବର୍ଷିକ) |
|---|---|---|---|---|---|---|
| ୧୧୦୦୦ | ୭୦୦୦ | ୭୫୦୦ | ୬୦୦୦ | ୭୦୦୦ | ୮୦୦୦ | ୮୫୦୦ |

**ଚାଷ ଜନିତ ଆୟ :**

ଆମ୍ବ ଗଛରେ ଚତୁର୍ଥ ବର୍ଷଠାରୁ ଫଳ ଆରମ୍ଭ ହୋଇ ପ୍ରାୟ ୨୫ ବର୍ଷ ପର୍ଯ୍ୟନ୍ତ ଅମଳ ବଢ଼ିଚାଲେ । ବର୍ଷ ପ୍ରତି ଆନୁମାନିକ ଅମଳ ଓ ଆୟ ନିମ୍ନମତେ ହୋଇପାରେ ।

ଏକ ଏକର ଆମ୍ବ ଚାଷ କରିବା ପାଇଁ ନିମ୍ନମତେ ଆନୁମାନିକ ଖର୍ଚ୍ଚ ହୋଇଥାଏ ।

| ବର୍ଷ | ୬ମ ବର୍ଷ | ୭ମ ବର୍ଷ | ୮ମ ବର୍ଷ | ୯ମବର୍ଷ | ୧୦ମ ବର୍ଷ | ୧୧ବର୍ଷ | ୧୨ବର୍ଷ ଏବଂ ଅଧିକ(ବାର୍ଷିକ) |
|---|---|---|---|---|---|---|---|
| ଏକର ପ୍ରତି | ୮୦୦ | ୨୦୦୦ | ୩୦୦୦ | ୪୦୦୦ | ୪୫୦୦ | ୫୦୦୦ | ୫୦୦୦(କି.ଗ୍ରା.) ଫଳ |
| ବିକ୍ରିଦର | ୮୦୦୦ | ୨୦୦୦୦ | ୩୦୦୦୦ | ୪୦୦୦୦ | ୪୫୦୦୦ | ୫୦୦୦୦ | ୫୦୦୦୦(ଟ. ୧୦ କି.ଗ୍ରା.) |

**ସହାୟତା :**

ସହାୟତା ପାଇଁ ଜାତୀୟ କରଣ ବ୍ୟାଙ୍କ, ନେସ୍‌ନାଲ୍ ହର୍ଟିକଲ୍‌ଚର ବୋର୍ଡ, ନାବାର୍ଡ ତଥା ନିକଟସ୍ଥ ଉଦ୍ୟାନବିତଙ୍କ ସହିତ ଯୋଗାଯୋଗ କରାଯାଇପାରେ ।

**ସହାୟତା :**

କଦଳୀ ଚାଷ ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ସହାୟତା ପାଇଁ ନିକଟସ୍ଥ ଉଦ୍ୟାନବିତ୍‌ଙ୍କ ସହିତ ଯୋଗାଯୋଗ କରିପାରନ୍ତି । ଏତଦ୍ ବ୍ୟତୀତ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ, ନେସନାଲ୍ ହର୍ଟିକଲଚର୍ ବୋର୍ଡ, ନାବାର୍ଡ ମଧ୍ୟ ଏଥିପାଇଁ ସାହାଯ୍ୟ ଓ ସହଯୋଗ କରିଥାନ୍ତି । କେତୋଟି ଉପଯୋଗୀ ଠିକଣା ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦାନ କରାଗଲା ।



# ଉନ୍ନତ ଆମ୍ବ ଚାଷ




ଓଡ଼ିଶା ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ଏବଂ
ଓଡ଼ିଶା ଉଦ୍ୟାନକୃଷି ଉନ୍ନୟନ ସମିତି
ଉଦ୍ୟାନ ଭବନ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫
ଫୋନ୍ : ୦୬୭୪-୨୫୫୧୮୩୧, ଫ୍ୟାକ୍ସ : ୦୬୭୪-୨୫୫୧୯୭୮
website:www.orihort.in
email:udyanhort@sify.com

## ଆମ୍ବ ଚାଷ

ଆମ୍ବ ପୃଥିବୀର ସବୁଠାରୁ ରସାଳ ଓ ସ୍ୱାଦଯୁକ୍ତ ଫଳ । ଆମ ଦେଶରେ ଆମ୍ବକୁ ଫଳମାନଙ୍କର ରାଜା ବୋଲି କୁହାଯାଏ । ଆମ ଦେଶରେ ପୃଥିବୀର ସବୁଠାରୁ ଅଧିକ ଜମିରେ ଆମ୍ବଚାଷ କରାଯାଇ ଅଧିକ ଅମଳ ମଧ୍ୟ ହୋଇଥାଏ । ଉତ୍ତର ପ୍ରଦେଶ, ଆନ୍ଧ୍ରପ୍ରଦେଶ, ବିହାର, କର୍ଣ୍ଣାଟକ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଅଧିକ ଆମ୍ବଚାଷ କରାଯାଏ । ଓଡିଶାରେ ପ୍ରାୟ ୧ ଲକ୍ଷ ୧୫ ହଜାର ହେକ୍ଟର ଜମିରେ ଆମ୍ବଚାଷ କରାଯାଇଥାଏ ।

## ବ୍ୟବହାର :

କଞ୍ଚା ଓ ପାଚିଲା ଅବସ୍ଥାରେ ଖାଇବା ବ୍ୟତୀତ କଞ୍ଚା ସମୟରେ ତରକାରୀ, ଆଚାର, ଚଟଣୀ, ଆମଚୁର, ସ୍କ୍ୱାସ ଇତ୍ୟାଦି ଏବଂ ପାଚିଲା ଆମ୍ବରୁ ଆମ୍ବସଢ଼ା, ସ୍କ୍ୱାସ, ଜାମ୍, ନେକ୍ଟାର, ମୃଦୁ ପାନୀୟ ପ୍ରଭୃତି ପ୍ରସ୍ତୁତ କରାଯାଏ । କଞ୍ଚା ଆମ୍ବରେ ଭିଟାମିନ୍ 'ସି' ଓ ପାଚିଲା ଆମ୍ବରେ ଭିଟାମିନ୍ 'ଏ' ଅଧିକ ଥାଏ । କୋଇଲିରୁ ତେଲ ସଂଗ୍ରହ କରି ସାବୁନ କରାଯାଏ ।

## କିସମ :

ଆମ ଦେଶରେ ପ୍ରାୟ ୧୦୦୦ କିସମର ଆମ୍ବ ଦେଖିବାକୁ ମିଳିଥାଏ । ଭାରତର ମଧ୍ୟଭାଗରେ ଅବସ୍ଥିତ ଥିବାରୁ ଓଡିଶାରେ ଉଭୟ ଉତ୍ତର ଓ ଦକ୍ଷିଣ ଭାରତୀୟ କିସମ ଗୁଡିକ ସଫଳ ଭାବରେ ଚାଷ କରାଯାଇପାରୁଛି । ଆମ ରାଜ୍ୟରେ ଚାଷ କରାଯାଉଥିବା ବିଭିନ୍ନ ବ୍ୟବସାୟୀକ କିସମ ଗୁଡିକ ମଧ୍ୟରୁ ଲାଙ୍ଗ୍ରା, ଚୌସା, ତୋତାପୁରୀ, ସବୁର୍ଣ୍ଣରେଖା, ବମ୍ବେଗ୍ରୀନ୍, ଗୋଲାପଖାସ୍, ବାଇଗଣପଲ୍ଲୀ, ଆମ୍ରପଲ୍ଲୀ, ମଲ୍ଲିକା, ହିମ୍‌ସାଗର, ଚେରୁକରସମ, ଦଶେରୀ, ନିଲମ୍ ପ୍ରଭୃତି ବିଶେଷ ଫଳପ୍ରଦହେବାର ଲକ୍ଷ୍ୟ କରାଯାଉଅଛି । ଗୋଟିଏ ଆମ୍ବ ବଗିଚାରେ ଏକାଧିକ କିସମ ଚାଷ କରାଯିବା ଉଚିତ୍ ।

## ବଂଶବିସ୍ତାର :

ନିର୍ଭର ଯୋଗ୍ୟ ନର୍ସରୀରୁ ୮-୧୨ ମାସର ନିରୋଗୀ, ସୁସ୍ଥ, ସବଳ ଏବଂ ସିଧା ବଢିଥିବା ଆବଶ୍ୟକ କିସମର କଲମୀ ଚାରା ସଂଗ୍ରହ କରାଯାଏ ।

ଲଗାଇବା ସମୟ : ଜୁନ୍-ଅଗଷ୍ଟ ମାସରେ ଆମ୍ବଗଛ ଲଗାଯାଏ । ଅଧିକ ବୃଷ୍ଟିପାତ ହେଉଥିବା ଅଞ୍ଚଳରେ ବର୍ଷାଋତୁ ପରେ ଏବଂ ଜଳସେଚନର ସୁବିଧା ଥିଲେ ବର୍ଷର ଅନ୍ୟ ସମୟରେ ମଧ୍ୟ ଲଗାଯାଇପାରେ ।

## ଗାତ ପ୍ରସ୍ତୁତି :

ଚାରା ଲଗାଇବାର ୨ ମାସ ପୂର୍ବରୁ ୧ ମିଟର ଗଭୀର, ୧ ମିଟର ଓସାର ଏବଂ ୧ ମିଟର ଲମ୍ବର ଗାତ ଖୋଳି ଉପର ଓ ତଳ ମାଟିକୁ ଅଲଗା ରଖାଯାଏ । ୧୫-୨୦ ଦିନ ଖରା ଖାଇବା ପରେ ଶୁଖିଲା କୁଟା କାଠିଦ୍ୱାରା ପୋଡି ଦିଆଯାଏ । ଉପର ମାଟି ସହିତ ୫ ଝୁଡି ସଢ଼ା କମ୍ପୋଷ୍ଟ, ୨ କି.ଗ୍ରା. ନିମ୍ବ/କରଞ୍ଜ ପିଡିଆ କିମ୍ବା ହାଡଗୁଣ୍ଡ ସାର ଏବଂ ୧୦୦ ଗ୍ରାମ୍ କ୍ଲୋରପାଇରିଫସ୍ (୧.୫%) ଗୁଣ୍ଡ ମିଶାଇ ଭୂମି ପତ୍ତନ ଠାରୁ ୧୦-୧୫ ସେ.ମି. ଉଚ୍ଚକରି ଗାତ ପୂରଣ କରାଯାଏ ।

## ଚାରା ରୋପଣ :

ଦୁଇ ତିନି ଅସରା ବର୍ଷାପରେ ଚାରା ଲଗାଯାଏ । ଦୂର ସ୍ଥାନରୁ ଆସିଥିବା ଚାରାକୁ ୨-୩ ଦିନ ଛାଇରେ ରଖାଯାଏ । ପଲିଥିନ୍‌କୁ ବାହାର କରି (ମାଟି ପିଣ୍ଡୁଳା ନ ଭାଙ୍ଗି) ମାଟି ପିଣ୍ଡୁଳା ଆକାରର ଗାତଟିଏ କରି ଚାରାଟିକୁ ସିଧାକରି ଲଗାଯାଏ, ଯେପରିକି ଯୋଡ ଅଂଶଟି ମାଟି ପତ୍ତନଠାରୁ ୧୫-୨୦ ସେ.ମି. ଉଚ୍ଚରେ ରହିବ । ଗଛମୂଳରେ ମାଟି ଭଲଭାବରେ ଦାବି ଦେଇ ପାଣି ଦିଆଯାଏ ।







## ଜଳବାୟୁ :

ଆମ ରାଜ୍ୟର ଅଧିକାଂଶ ଅଞ୍ଚଳ ଆମ୍ବଚାଷ ପାଇଁ ଉପଯୋଗୀ । ସମୁଦ୍ର ପତ୍ତନ ଠାରୁ ୬୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଏବଂ ୨୪-୪୮ ଡିଗ୍ରୀ ସେଲସିୟସ ଉତ୍ତାପ ଅଞ୍ଚଳରେ ଏହି ଚାଷ କରାଯାଇପାରେ । ବଉଳ ସମୟରେ ଅଧିକ ଆର୍ଦ୍ର (୮୦% ରୁ ଅଧିକ), କୁହୁଡି କିମ୍ବା ବର୍ଷା ପାଗ ରହିଲେ ଆମ୍ବଗଛରେ ରୋଗପୋକ ବଢିଯାଇ ବଉଳ ଝଡିଯାଏ ।

## ମୃତ୍ତିକା :

ଅନେକ ପ୍ରକାର ମାଟିରେ ଆମ୍ବଚାଷ କରାଯାଇପାରେ । କିନ୍ତୁ ଗଭୀର (୨ ମିଟରରୁ ଅଧିକ), ଉର୍ବର, ଦୋରସା, ନିଗିଡା ଏବଂ ଅମ୍ଳତା (ପି.ଏଚ). ୫.୫-୭.୫ ଥିବା ମାଟିରେ ଅଧିକ ଅମଳ ମିଳିପାରେ ।

## ଜମି ପ୍ରସ୍ତୁତି :

ଜମିକୁ ୨-୩ ଓଡ ଚାଷ କରି ଅନାବନା ଗଛ ବାଛି ଦିଆଯାଏ ।

## ଲଗାଇବା ଦୂରତ୍ୱ :

ଆମ୍ବ ଗଛକୁ ୯-୧୦ ମିଟର ବ୍ୟବଧାନରେ (ଏକର ପ୍ରତି ୪୦-୫୦ଟି ଗଛ) ଲଗାଯାଏ । ମଧ୍ୟମ ଘଞ୍ଚ ବଗିଚାରେ ୫ ଘ ୫ ମିଟର ବ୍ୟବଧାନରେ ଏକର ପ୍ରତି ୧୬୦ଟି ଗଛ ଲଗାଇ ପ୍ରଥମ ବର୍ଷଗୁଡିକରେ ଅଧିକ ଉତ୍ପାଦନ କରାଯାଇପାରେ ।

## ଲଗାଇବା ପ୍ରଣାଳୀ :

ପାହାଡିଆ, ଢ଼ାଲୁ ତଥା ଗଡାଣିଆ ସ୍ଥାନମାନଙ୍କରେ କଣ୍ଟୁର ପ୍ରଣାଳୀ ଏବଂ ଅନ୍ୟ ସ୍ଥାନମାନଙ୍କରେ ବର୍ଗାକାର ପ୍ରଣାଳୀରେ ଆମ୍ବଗଛ ଲଗାଯାଏ ।

## ଖତସାର :

ଆମ୍ବଗଛରୁ ଅଧିକ ଉତ୍ପାଦନ ପାଇବା ପାଇଁ ବୟସ ଅନୁପାତରେ ଖତସାର ପ୍ରୟୋଗ କରିବା ଦରକାର ହୋଇଥାଏ । ଗୋଟିଏ ବର୍ଷିକିଆ ଗଛପାଇଁ ଗୋଟିଏ ଝୁଡି (୧୦ କି.ଗ୍ରା) ସଢ଼ା ଗୋବର ଖତ, ଯବକ୍ଷାରଜାନ ୭୩ ଗ୍ରାମ୍ (ୟୁରିଆ ୧୫୮ ଗ୍ରାମ୍), ଫସଫରସ୍ ୧୮ ଗ୍ରାମ୍ (୧୧୨ ଗ୍ରାମ୍ ସିଙ୍ଗିଲ ସୁପର ଫସଫେଟ୍) ଏବଂ ପୋଟାସ୍ ୬୮ ଗ୍ରାମ୍ (ମ୍ୟୁରେଟ୍ ଅଫ୍ ପଟାସ୍ ୧୧୩ ଗ୍ରାମ୍) ଦେବା ଦରକାର । ଏ ମାତ୍ରାର ଖତ ଓ ସାର ଆମ୍ବ ଗଛ ୧୦ ବର୍ଷ ବଢ଼ିଲା ପର୍ଯ୍ୟନ୍ତ ପ୍ରତିବର୍ଷ ବଢେଇ ବଢେଇ ଦିଆଯାଏ । ଯେପରିକି ୧୦ ବର୍ଷିକିଆ ଆମ୍ବଗଛକୁ ୧୦ ଝୁଡି ଗୋବର ଖତ ସହିତ ୧୫୮୦ ଗ୍ରାମ୍ ୟୁରିଆ ୧୧୨୦ ଗ୍ରାମ୍ ସିଙ୍ଗଲ ସୁପର ଫସଫେଟ୍ ଏବଂ ୧୧୩୦ ଗ୍ରାମ୍ ମ୍ୟୁରେଟ ଅଫ୍ ପଟାସ୍ ଦେବାକୁ ପଡିଥାଏ । ଜଳସେଚନର ସୁବିଧାଥିଲେ ୧ ରୁ ୩ ବର୍ଷର ଗଛକୁ ୩-୪ ଥରରେ ସାର ପ୍ରୟୋଗ କରାଯାଇପାରେ । ଫଳନ୍ତି ଗଛରେ ସମସ୍ତ ଖତ ଓ ସାରକୁ ଦୁଇ ଭାଗ କରି ଏକ ଭାଗ ବର୍ଷା ଆରମ୍ଭରେ